# Akashvani, Sambalpur

## SAMBALPURI NEWS BULLETIN

### 12 January 2026 – 6.47- 6.52 am.

************************************************

ଯୁବ ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱାମୀ ବିବେକାନନ୍ଦଙ୍କର୍ ଶହେ ୬୩ ତମ ଜୟନ୍ତୀ ଅବ୍‌ସରେ ଆଏଜ୍ ସାରା ଦେଶେ ଯୁବ ଦିବସ୍ ପାଲନ୍ କରାଯାଉଛେ । ଆଧୁନିକ ଭାରତର୍ ସର୍ବଶ୍ରେଷ୍ଠ ବୈଦିକ ଦର୍ଶନର୍ ଦାର୍ଶନିକ ଆଉ ସମାଜ ସଂସ୍କାରକ୍ ଭାବେ ସ୍ୱାମୀ ବିବେକାନନ୍ଦ ଖାଲି ଭାରତ ନ ନାଇଁ ୟୁରୋପ୍ ଆମେରିକା, ଏସିଆର୍ ଭିନ୍ ଭିନ୍ ଦେଶ୍‌ମାନ୍‌କେ ଖ୍ୟାତି ଅର୍ଜନ କରିଥିଲେ । ସେ ୧୮୬୩ ମସିହା ଜାନୁଆରୀ ୧୨ ତାରିଖ୍ ଦିନ ଜନମ୍ ହେଇଥିଲେ । ସେ ମାତ୍ର ୩୯ ବରସ ଜୀବିତ୍ ଥିଲେ ଆର୍ ଇ କମ୍ ସମିଆଥି ସାରା ପୁର୍‌ଥିକେ ପ୍ରଭାବିତ୍ କରି ପାରିଥିଲେ । ତାଙ୍କର୍ ଜନମ୍ ଦିନ୍‌କେ ୧୯୮୫ ମସିହାନୁ ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଜାତୀୟ ଯୁବ ଦିବସ୍ ଭାବେ ପାଲନ୍ କରାଯାଉଛେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଯୁବ ଦିବସ୍ ଅବ୍‌ସରେ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ଆଏଜ୍ ବିକଶିତ୍ ଭାରତ୍ ଯୁବ ନେତୃତ୍ୱ ବାର୍ତାଲାପ-୨୦୨୬ଥି ଯୋଗ୍ ଦେବେ । ଶ୍ରୀ ମୋଦୀ ଦେଶର୍ ୩

ହଜାର୍ ଯୁବ ନେତୃତ୍ୱଙ୍କର୍ ସହେତେ ଆଲୋଚନା କର୍‌ବେ । ଇ ଅବ୍‌ସରେ ୧୦ ଟା ମୁଖିଆ ବିଷୟବସ୍ତୁ ଉପ୍‌ରେ ତିଆର୍ ହେଇଥିବା ବଛା ବଛା ଦୃଷ୍ଟିକୋଣକେ ପ୍ରତିଯୋଗୀମାନେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାମ୍ନା ନ ଉପସ୍ଥାପନ୍ କର୍‌ବେ । ଶ୍ରେଷ୍ଠ ପ୍ରବନ୍ଧମାନ୍‌କର୍ ସଂକଳନ୍‌କେ ଭିଲ୍ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଉନ୍ମୋଚନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ବନ୍ଦେ ମାତରମ୍ ଗାନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ଯୁବ ଦିବସ୍ ଆଉ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତ୍ତି ଅବ୍‌ସରେ ଆଏଜ୍ ରାଜ୍ୟର୍ ସବୁ ବିଦ୍ୟାଳୟ, ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟ ନ ବନ୍ଦେ ମାତରମ୍‌ର ସାମୂହିକ୍ ଗାନ କରାଯିବା । ଇଥିର୍‌ଲାଗି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଲ୍‌ମାନ୍‌କୁ ଚିଠି କରାଯାଇଛେ । ବିଭାଗ୍‌ର ନିର୍ଦ୍ଦେଶ୍ ଅନ୍‌ସାରେ ସଖାଲର୍ ୧୧ ବଜେ ଶିକ୍ଷାନୁଷ୍ଠାନ୍ ପରିସର୍ ନ ଛାତ୍ରଛାତ୍ରୀ, ଶିକ୍ଷକ୍, ଶିକ୍ଷୟିତ୍ରୀ ସଭେ ଏକ୍‌ଠାନିଆ ହେଇକରି ବନ୍ଦେ ମାତରମ୍ ଗାଏବେ ।

ମୁଖ୍ୟମନ୍ତ୍ରୀ-ଜାତୀୟ ସଡ଼କ ସୁରକ୍ଷା ମାସ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜାତୀୟ ସଡ଼କ ସୁରକ୍ଷା ମାସ ଅବ୍‌ସରେ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ଆଏଜ୍ ୬ ହଜାର୍ ୭

ଶହ ୧ କୋଟି ଟଙ୍କାର୍ ୭୧ ଟା ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଭିତିପ୍ରସ୍ତର୍ ଥାପ୍ନା କର୍ବେ । ଇ ଅବ୍ସରେ ଶ୍ରୀ ମାଝୀ ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ସମ୍ମାନ୍, ବିଦ୍ୟାଳୟ ପରିସର ସୁରକ୍ଷା ରେଟିଂ, ଘାଟି ରାସ୍ତା, ସତର୍କ ସୂଚନା ଘଂଟି, ବାଗିର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ର ଶୁଭାରମ୍ଭକର୍ବେ । ଟ୍ରାଫିକ୍ ପରିଚାଲନା ଯୋଜ୍ନା ଲାଗି ଗୁଟେ ବୁଝାମଣାପତ୍ର ଭିଲ୍ ସ୍ୱାକ୍ଷରିତ୍ ହେବା । ୧୦ ଟା ଜିଲ୍ଲା ନ ୧୪ ଟା ଅଟଲ୍ ବସ୍ଷ୍ଟେଣ୍ଡ୍ ଆଉ ଓଏସ୍ଆର୍ଟିସିର ଶହେ ଟା ନୂଆଁବସ୍ର ଭିଲ୍ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କର୍ବେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ପି.ଆଇ.ବି

୨୦୩୬ ମସିହାତକ୍ ବିକଶିତ୍ ଓଡ଼ିଶା ସପନ୍ ସାକାର୍ କର୍ବାର୍କେ ହେଲେ ଫିʼ ଓଡ଼ିଆଙ୍କୁ ନିଜର୍ ଦାୟିତ୍ୱ ବୋଧ ବୁଝ୍ବାର୍କେ ହେବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ବିକଶିତ୍ ଭାରତ୍ ୟଙ୍ଗ୍ ଲିଡର୍ ଡାଇଲଗ୍-୨୦୨୬ ଲାଗି ଓଡ଼ିଶାନୁ ମନୋନୀତ୍ ହେଇଥିବା ୟୁଆନ୍ ପିଲା ଟୁକେଲ୍ ମାନ୍କୁ ଗଲାକାଏଲ୍ ନୂଆଦିଲ୍ଲୀ ନ ଭେଟିକରି ଶ୍ରୀ ପ୍ରଧାନ୍ ଅପପୁଷ୍ଟି ମୁକ୍ତ ଓଡ଼ିଶା ଗଠନ୍, ଏକକ ବ୍ୟବହାର୍ ପ୍ଲାଷ୍ଟିକ୍ ବାରଣ୍ ଆଉ ଗଛ୍ ଲଗା ବାବ୍ଦେ ଆଲୋଚନା କରିଛନ୍ । ଓଡ଼ିଶା ନ

ରୋଜ୍‌ଗାର୍ ବଢ଼ାବାର୍ ଲାଗି ମୁଲ୍ କରା ହେଇଥିବା ଶହେ କ୍ୟୁବ୍ ଷ୍ଟାଟଅପ୍ ଗୁଟେ ଜନ ଆନ୍ଦୋଲନ୍ ଆଏ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର୍ ସଂସ୍କରଣ୍ ଲାଗି ଗଲାକାଏଲ୍ ପଞ୍ଜିକରଣ୍ ଶେଷ୍ ହେଇଛେ । ଆଏବା ଫେବୃଆରୀ ମାସ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍ ଲାଗି ଏବ୍‌ତକ୍ ୪ କୋଟିନୁ ଅଏତ୍‌କା ପଞ୍ଜିକରଣ୍ ହେଇକରି ଗୁଟେ ନୂଆଁ ଅଂଶଗ୍ରହଣ୍ ରେକର୍ଡ୍ ହେଇଛେ ।
ପରୀକ୍ଷାପେ ଚର୍ଚ୍ଚା ଜରିଏ ଛାତ୍ରଛାତ୍ରୀ ମାନେ ପରୀକ୍ଷା ଆଘୋନୁ ତାଙ୍କର୍ ମାନସିକ ଚାପ, ଡର୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ସିଧାସଲଖ୍ ବିଚାର୍ ବିନିମୟ କର୍‌ବେ । ଇଥି ୬ ନୁ ୧୨ ଶ୍ରେଣୀତକ୍ ଛାତ୍ରଛାତ୍ରୀ, ଶିକ୍ଷକ୍ ଆଉ ଅଭିଭାବକ୍‌ମାନେ ଭାଗ୍ ନେବେ ।

ପ୍ରଗତି ପ୍ଲାଟ୍‌ଫର୍ମ ଆର୍‌ଏନ୍‌ୟୁ/ ସମ୍ବଲପୁର
ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଗଠିତ୍ ହେଇଥିବା ପ୍ରଗତି ପ୍ଲାଟ୍‌ଫର୍ମ ଦେଶର୍ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପ କାମ୍‌କେ ତୁର୍‌ତି କର୍‌ବାର୍‌ଥି ବଡ଼ ଭୂମିକା ନଉଛେ । ଇ ପ୍ଲାଟ୍‌ଫର୍ମ ଜରିଏ ୮୫ ଲାଖ୍

କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ହେଇଥିବା ଭିନ୍ ଭିନ୍ ଯୋଜ୍‌ନା ଆଉ ପ୍ରକଳ୍ପମାନ୍‌କର୍ ସମୀକ୍ଷା କରାଯାଇକରି ସେସବୁକେ ତ୍ବର୍ତି କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ନିଜେ ୩ ଶହ ୭୭ ଟା ପ୍ରମୁଖ ଯୋଜ୍‌ନାର୍ ମାନ୍‌କର୍ ସମୀକ୍ଷା କରିଛନ୍ । ଇତାର୍‌ସହେତେ ୫ ଟା ଉଚ୍ଚସ୍ତରୀୟ ବୈଠକ୍‌ଥି ଭିନ୍ ଭିନ୍ ପ୍ରକଳ୍ପର୍ ଗତି ଆଉ ଦର୍‌କାରୀ ପରାମର୍ଶକେ ନେଇକରି ଆଲୋଚନା ଭିଲ୍ ହେଇଛେ । ପ୍ରଗତିର୍ କାମ୍‌କାଜ୍‌କେ ଦେଖିକରି ଅକ୍ସପୋର୍ଡ ବିଶ୍ୱବିଦ୍ୟାଳୟ ତର୍‌ଫୁ ହେଇଥିବା ଗୁଟେ ଅଧ୍ୟୟନ୍‌ଥି ପ୍ରଗତି ପ୍ଲାଟ୍‌ଫର୍ମକେ ଭାରତୀୟ ଡିଜିଟାଲ୍ ଶାସନ୍ ବ୍ୟବସ୍ଥାଥି ଗେମ୍ ଚେଞ୍ଜର୍ ବଲି ବର୍ଣ୍ଣନା କରାଯାଇଛେ ।

ଏନ୍-ୱାନ୍ ଅନ୍ୱେଷା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ମହାକାଶ୍ ଗବେଷଣା ପ୍ରତିଷ୍ଠାନ୍- ଇସ୍ରୋ ତର୍‌ଫୁ ଆଏଜ୍ ଡାର୍ ଇ.ଓ.ଏସ୍. - ଏନ୍-ୱାନ୍ ଅନ୍ୱେଷା -ହାଇପର୍ ସ୍ପେକ୍ଟ୍ରାଲ୍ ଇମେଜିଂ ସାଟେଲାଇଟ୍ ଉତ୍‌କ୍ଷେପଣ୍ କରାଯିବା । ଦିନର୍ ୧୦ ବାଜିକରି ୧୭ ମିନିଟ୍ ସମିଆଥି ଆନ୍ଧ୍ରପ୍ରଦେଶ୍‌ର ଶ୍ରୀହରିକୋଟାର୍ ସତୀଶ୍ ଧୱନ୍ ମହାକାଶ୍ କେନ୍ଦ୍ରନୁ ପିଏସ୍‌ଏଲ୍‌ଭି ସି-୬୦ ରକେଟ୍ ଜରିଏ ଉତ୍‌କ୍ଷେପଣ କରାଯିବା । ଇ ଉପଗ୍ରହ ଜଲ୍‌ବାୟୁ ଥିତି ଉପ୍‌ରେ ନଜର୍ ରଖ୍‌ବାର୍ ସହେତେ ପ୍ରତିରକ୍ଷା କ୍ଷେତ୍ରଥି ଭିଲ୍ ଭାରତ୍‌ର ଦକ୍ଷତାକେ ଆହୁରି ବର୍‌କସ୍

କର୍‌ବା । ହେଥିର୍‌ଲାଗି ଇତାକେ ବୈଜ୍ଞାନିକ୍ ମହଲ୍ ନ ଦିବ୍ୟଦୃଷ୍ଟି ବଲି ନାଁ ଦିଆଯାଇଛେ ।

ଲୋକ ମହୋତ୍ସବ          ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ୍ ଗଲାକାଏଲ୍ ସହରର୍ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର୍ ନ ହେଇଯାଇଛେ । ଉପଜିଲ୍ଲାପାଲ୍ ଆଉ ମହୋତ୍ସବ୍ କମିଟି ଅଧ୍ୟକ୍ଷ ଆଲୋକ କୁମାର୍ ପଟେଲ୍ ଇଥି ସଭାପତିତ୍ୱ କରିଥିଲେ । ଇ ଅବ୍‌ସରେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରାଯିବାର୍ ସହେତେ ବରିଷ୍ଠ କଲାକାର୍‌ମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ବଲାଙ୍ଗିର୍-ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ          ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ପି.ଆର୍ ହାଇସ୍କୁଲ୍ ପଡ଼ିଆ ନ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ବଲାଙ୍ଗିର୍ ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପଡ଼ିଆର୍ ଉନ୍ନତି ଲାଗି ସବୁ ପ୍ରକାର୍ ସହଯୋଗ୍ କରାଯିବା ବଲି ପ୍ରତିଶ୍ରୁତି ଦେଇଛନ୍ ।

ଫାଇନାଲ୍ ମେଚ୍‌ଥି ବର୍‌ଗଡ୍ ଦଲ୍ ୪-ଶୂନ୍ ଗୋଲ୍‌ଥି ଝାର୍‌ସୁଗୁଡ଼ା ଦଲ୍‌କେ ହରେଇକରି ଚାମ୍ପିଆନ୍ ହେଇଛେ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଶୀତ୍ ହେଉଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମିକରି ଶୀତ୍ ବଢ଼ିପାରେ । ତାର୍ ଉତ୍‌ରୁ ତାପମାତ୍ରାଥି କେନ୍‌ସି ପରିବର୍ତନ୍ ନାଇଁ ହୁଏ ।